# ତହସିଲଦାର ଭଣ୍ଡାରିପୋଖରୀ କାର୍ଯ୍ୟାଳୟ

# ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତହାର

ବିଜ୍ଞପ୍ତି ସଂଖ୍ୟା **517** ତାରିଖ **03.03.2021**

ଏତଦ୍ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ **ଜଗନ୍ନାଥପ୍ରସାଦ** ଲଘୁ ଖଣିଜ (ବାଲି) ଖାଦାନ ଟିକୁ 5 (ପାଞ୍ଚ) ବର୍ଷ ନିମନ୍ତେ 219305 ବର୍ଗ ଘନଫୁଟ ଲଘୁ ଖଣିଜ (ବାଲି) କୁ 2020-21 ଆର୍ଥିକ ବର୍ଷଠାରୁ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଭଣ୍ଡାରିପୋଖରୀ ଦ୍ୱାରା ନିଲାମ କରାଯିବ ଇଚ୍ଛୁକ ବ୍ୟକ୍ତି ବିଶେଷ OMCC (Amendment) Rule-2014 ର Form-J ପୁରଣ କରି ଏହାର ତିନି କିତା ସହ ନିମ୍ନଲିଖିତ ଦଲିଲ ସଲଗ୍ନ କରି sealed cover ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ **ତା 03.03.2021 ରିଖ ଠାରୁ ତା 15.03.2021 ରିଖ** ଅପରାହ୍ନ ଘ 5 ଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ପକାଇ ପାରିବେ କିମ୍ବା ଡାକ ଯୋଗେ ପ୍ରେରଣ କରିପାରିବେ । **ତା 16.03.2021 ରିଖ** ପୂର୍ବାହ୍ନ ଘ 11 ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତିରେ ଦରଖାସ୍ତ ଗୁଡିକ ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟ ରେ ତନଖି କରାଯାଇ ସର୍ବୋଚ୍ଚ ନିଲାମଧାରୀ ସ୍ଥିର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ Form-J ବ୍ୟତୀତ ଅନ୍ୟ କୌଣସି ଦରଖାସ୍ତ ଫର୍ମ କୁ ବିଚାରକୁ ନିଆଯିବ ନାହିଁ ।

**ତହସିଲଦାର,ଭଣ୍ଡାରିପୋଖରୀ**

## ଦାଖଲ କରିବାକୁ ଥିବା ଦଲିଲ ଓ କାଗଜାତ

1. ଦରଖାସ୍ତ ଫି ସକାଶେ ଟ 1000/- ( ଏକ ହଜାର ଟଙ୍କା) ର ଟ୍ରେଜେରି ଚାଲାଣ ଆବଶ୍ୟକ (0853-non-refund mining & mineral concession fees, rent & Royalties 0217- receipt under Orissa Minor Mineral concession fees (new) 02021-collection of deed rent & Royalties.

2. କୌଣସି ମାଇନିଙ୍ଗି ବାବଦକୁ ବକେୟା ଦେୟ ନଥିବା ନେଇ ଏକ ସତ୍ୟପାଠ ।

3. ଆବେଦନକାରୀ ତାଙ୍କର ସ୍ଥାବର ସମ୍ପତିର ତାଲିକା ସଂପୃକ୍ତ ରାଜସ୍ୱ ଅଧିକାରୀ ଙ୍କ ଠାରୁ ଆଣି ଦରଖାସ୍ତ ସହିତ ସଂଲଗ୍ନ କରିବେ ଏହା ସହିତ ଉକ୍ତ ସମସ୍ତ ସ୍ଥାବର ସମ୍ପତିର Solvency certificate/Bank Guarantee ମଧ୍ୟ ଦାଖଲ କରିବେ ।

4. ଅନ୍ୟ ବିବରଣି ଯଥା ବୈଷୟିକ ଦକ୍ଷତା ତଥା ଉପଲବ୍ଧ ଥିବା ଯନ୍ତ୍ରପାତି ସମ୍ବନ୍ଧିୟ ଇତ୍ୟାଦି ର ତଥ୍ୟ

5. ଗତ ଆର୍ଥିକ ବର୍ଷର VAT clearance certificate ଦାଖଲ କରିବେ ।

6. Income Tax clearance certificate ଦାଖଲ କରିବେ ।

   ସର୍ତାବଳୀର ବୀବରଣୀ ଜିଲ୍ଲାପାଳଙ୍କ www.bhadrak.nic.in କିମ୍ବା ତହସିଲ କାର୍ଯ୍ୟାଳୟ ରେ ଉପଲବ୍ଧ ଅଛି ।

7. ଆବେଦନକାରୀ ମାନେ ଓଡିଶା ଖଣିଜ ଦ୍ରବ୍ୟ ରିହାତି ଆଇନ-2004 ( OMMC Rule-2004) ଓ Amendment Rule-2014 ପରିସର ଭୁକ୍ତ ରହିବେ ।

8. ଲିଜର ସମସ୍ତ ସର୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ରୟଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ପ୍ରଦାନ କରାଯିବ ଯଦି ଏକାଧିକ ଆବେଦନକାରୀଙ୍କ ସର୍ବାଧିକ ରୟାଲଟି ର ମୂଲ୍ୟ ସାମିଲ ହୁଏ ସେହି କ୍ଷେତ୍ରରେ ଲଟେରୀ ଉଠାଣ ମାଧମରେ ଲିଜ ଧାରୀ ଚୟନ କରାଯିବ ।

9. ଅମାନତ ରାଶିର ପରିମାଣ ଲିଜ ପାଇନାଲ ହେଲାପରେ ସ୍ଥିର କରାଯିବ ।

10. ଲିଜଧାରୀ ସମ୍ପୃକ୍ତି ଅଧିକାରୀ ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର 7 ଦିନ ମଧରେ Demand Draft ନଗଦ ଆକାରରେ ଜମା କରିପାରିବେ ।

11. ସର୍ବୋଚ୍ଚ ରୟାଲଟି ମୂଲ୍ୟାଙ୍କନ କରିଥିବା ଆବେଦନକାରୀ ସମୟସୀମା ମଧରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମ ଧାରୀଙ୍କୁ କ୍ରମାନ୍ବୟରେ ସୁଯୋଗ ଦିଆଯିବ ।

12. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନଟିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

13. ଲିଜରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

14. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପାକୃତିକ ବିପର୍ଯ୍ୟୟ ପାଇଁ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

15. ମାଇନିଙ୍ଗ ପ୍ଲାନ୍ ରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲିଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶିକୁ Environment clearance ଆଣି ସାରିଲା ପରେ ପୈଠ କରିବେ, ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରେନ ଆକ୍ଟ 1908 ଓ ଷ୍ଟାମ୍ପ୍ ଆକ୍ଟ 1899 ଅନୁଯାଇ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବେ ।

16. ଲିଜଧାରୀ ଲିଜ୍ ବାବଦକୁ ରୟାଲିଟି ଦେୟର ଶତକଡା 5 ଭାଗ Environment Management Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ ।

17. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜିଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

18. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶିକୁ ବ୍ୟାଜାପ୍ତ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

19. ଲିଜଧାରୀ ସୈରାତ ଉତ୍ସର ନକ୍ସାନୁଯାୟୀ ପିଲର ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସାନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

20. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜିଧାରୀ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

21. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ District Website ରେ ଦେଖିପାରିବେ ।

22. ଯଦି ଉକ୍ତ ଇସ୍ତାହାର କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ର ରହିଛି ।

23. ଜମା ରୟାଲିଟିର 2% ଲିଜଧାରୀ ଆୟକର ବାବଦକୁ ଚାଲାଣ ଆକାରରେ ଜମା କରିବେ ।

24. ଲିଜଧାରୀଙ୍କୁ ରୟାଲିଟି ସହିତ ନିର୍ଦ୍ଧାରିତ Source Rent & Dead Rent ମଧ୍ୟ ପୈଠ କରିବାକୁ ପଡିବ ।

25. ଲିଜ ଅବଧି ମଧ୍ୟରେ Scheduled – 1 ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟି ଦରର ଅଭିବୃଦ୍ଧି ହେଲେ ଓ ସମ୍ପୃକ୍ତ ଲିଜିଧାରୀ ଙ୍କ ମୂଲ୍ୟାଙ୍କ କରିଥିବା ରୟାଲିଟି ଠାରୁ ଅଧିକ ହୋଇଥାଏ ତାହେଲେ, ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲିଟି ଦାଖଲ କରିବେ ।

**ତହସିଲଦାର,ଭଣ୍ଡାରିପୋଖରୀ**

**Memo No 518 Dt. 03.03.2021**

Copy Submitted to the Collector, Bhadrak / Sub- CollectorBhadrak./B.D.O Bhandaripokhari / Executive Officers of all Gram Panchayat Bhandaripokhari Block For kind information & necessary action.

**Tahasildar,Bhandaripokhari**

**Memo No 519 Dt. 03.03.2021**

Copy Submitted to the D.I.O NIC Collectorate, Bhadrak with request for hosting the copy of the notice in the District Website and the same will be displayed in Website till date **15.03.2021**

**Tahasildar,Bhandaripokhari**